# ଉତ୍ସବ ପରିଚିତି

*ଭକ୍ତପୁରୁଷଙ୍କ ସହିତ ମିଶି ଏକାକାର ହୋଇଯିବା ହିଁ ଉତ୍ସବ । ଏହି କ୍ରମରେ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବସୂଚୀ ଅନୁକ୍ରମେ ଗତ ପୌଷ ପୂର୍ଣ୍ଣିମା, ୧୪୦୬ସାଲ, ଧନୁ ଦି୧୮ନ, ଶନିବାର, ଇଂରାଜୀ ୧୯୯୯ ମସିହା ଜାନୁଆରୀ ତୃତୀୟ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ମାଟିଆଗୁନିଠାରେ ପାଳିତ ଉତ୍ସବର ଇତିବୃତ୍ତ 'ଚରମ' ଷଷ୍ଠ ପୁଷ୍ପ ପଞ୍ଚମପାଖୁଡ଼ା : ତ୍ରିଂଶତିତମ (୩୦ଶ) ସଂଖ୍ୟାରେ ଆମର ଅର୍ଘ୍ୟ । ଭକ୍ତ ମନୋବାଞ୍ଛା ପରିପୂରଣ କରିବା ପାଇଁ ଭକ୍ତବନ୍ଧୁ ଭକ୍ତବାଞ୍ଛା କଳ୍ପତରୁ ଯୁଗପୁରୁଷ ଯୁଗେ ଯୁଗେ ଅଭୂତପୂର୍ବ କୃତି ପ୍ରଦର୍ଶନ କରିଯାଇଅଛନ୍ତି । ଅତୀତ ପୃଷ୍ଠାରେ ଏହାର ପର୍ଯ୍ୟାୟ ପ୍ରାସଂଗିକତା ଉପଲବ୍ଧ, ବର୍ତ୍ତମାନ ସମୟରେ ତାହାର ତତୋଽଧିକ ଘଟଣାର ପୁନରାଲୋଚନା ପ୍ରତ୍ୟକ୍ଷରେ ଅନୁଭୂତ । ଲୋକଲୋଚନ ଅଗୋଚରରେ ବିସ୍ମୃତ ବିଗତ ଘଟଣା ସମୂହର ସମାୟନରେ ଚୁମ୍ବିମନ୍ତ ପ୍ରତିଟି ଉତ୍ସବର ପୃଷ୍ଠଭୂମି ସାଧନା ଓ ସାଧନାର ଦିବ୍ୟ ଆଲୋଚନାରେ ଆଲୋକିତ ଧରାପୃଷ୍ଠରେ ସକଳ ସ୍ୱାଭାବିକତା ମଧ୍ୟରେ ସ୍ରଷ୍ଟାପୁରୁଷଙ୍କର ଇଚ୍ଛାରେ ଅସ୍ୱାଭାବିକ ପ୍ରତୀତ ଘଟଣା ସଂଘଟିତ ହୋଇ ଅଲୌକିକତାର ଦିବ୍ୟ ଝଲକରେ ଝଲସି ଉଠେ । ଯୁଗଯୁଗାନ୍ତର ପାଇଁ ଏତାଦୃଶ ଅଲୌକିକ ଘଟଣା ସମୟର ଲଲାଟରେ ଗଭୀର ରେଖାଙ୍କନ କରିଥାଏ । ଏହିଭଳି ଅନେକ ରେଖାଙ୍କନ ମଧ୍ୟରୁ ଭକ୍ତିପ୍ରାଣ ଅଭୋଦିଙ୍କର ଅମରଗାଥା ଗୋଟିଏ । କୋଟିଏରୁ ଗୋଟିଏ – ଅନେକରୁ ଏକ – ଅଭୋଦିଙ୍କର ପରବର୍ତ୍ତି ଜନ୍ମବୃତ୍ତାନ୍ତ ଅତୀବ ରହସ୍ୟୋଦ୍ଦୀପକ ଏବଂ ରସୋତ୍ତୀର୍ଣ୍ଣ । ତାଙ୍କ ଦିବ୍ୟ ସ୍ମୃତିର ସ୍ୱାକ୍ଷର ବହନ କରେ ଏଥରର ଅର୍ଘ୍ୟ : ନନ୍ଦଶ୍ରୁତି ପୂଜା ଜୟନ୍ତୀ ଉତ୍ସବର ବିବରଣୀ ।*

## ନନ୍ଦଶ୍ରୁତି ସ୍ମରଣେ

ସବୁ ଜଳଯାକ ସମୁଦ୍ରେ ଠୁଳ । ସମୁଦ୍ରୁ ଯାଇ ଆକାଶରେ ମେଳ ।
ଆକାଶେ ଥାଇ ବରଷା କରଇ । ସେ ସକଳ ପୁଣି ସମୁଦ୍ରେ ଯାଇ ।
ଅରୂପରୁ ରୂପ ପ୍ରକାଶ ହେବ । ରୂପ ଯାଇଣ ଅରୂପେ ମିଶିବ ।
ରୂପ ଅରୂପ ସମ କରିଥିବୁ । ସମତା ରୂପରେ ସବୁ ପାଇବୁ ।

*(ଅଚ୍ୟୁତାନନ୍ଦଙ୍କ ରଚିତ ତତ୍ତ୍ୱବୋଧିନୀ)*

ସ୍ରଷ୍ଟାଙ୍କ ଇଚ୍ଛାରେ ସୃଷ୍ଟିର ଆରମ୍ଭରୁ ସାଧନା କ୍ଷେତ୍ରରେ ରୂପ, ଅରୂପର ଲୁଚକାଳି ଖେଳ ରହି ଆସିଅଛି । ସଂସାର ଅରଣ୍ୟ ମଧ୍ୟରେ ଜୀବ ଓ ପରମ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀପରି ଦୁଇଟି ଆଧାରର ବସ୍ତୁମାତ୍ର । ପ୍ରତ୍ୟେକ ଯୁଗରେ ସାଧକ ମାନେ ଜୀବ ପରମର ମିଳନ କ୍ରିୟାକୁ ସ୍ରଷ୍ଟାଙ୍କର ଲୀଳା ଛନ୍ଦରେ ରୂପାନ୍ତରିତ କରି ଅଜସ୍ର ଉଦାହରଣ ରଖି ଯାଇଛନ୍ତି । ମିଳନ ଲୀଳାରେ ରୂପ, ଅରୂପର କୌଣସି ପ୍ରଭେଦ ନାହିଁ । ଉଭୟ ଆଧାର ସମାନ ପର୍ଯ୍ୟାୟଭୁକ୍ତ ଅଟେ । ରୂପ ଯେପରି ଅରୂପ ପାଇଁ ବ୍ୟାକୁଳ ହେଉଥାଏ, ଅରୂପ ବା ପରମ ମଧ୍ୟ ଠିକ୍ ସେହିପରି ରୂପ ବା ଜୀବ ପାଇଁ ବିଚ୍ଛେଦରେ ହାହାକାର କରୁଥାଏ ।

ମର୍ତ୍ତ୍ୟଭୂମିର ସମସ୍ତ ଜଳ ସମୁଦ୍ରରେ ଠୁଳ ହୁଏ । ଏଠାରୁ ଜଳ ବାଷ୍ପ ଆକାରରେ ଆକାଶରେ ମେଘଖଣ୍ଡ ହୋଇ ରହେ । ପୁନଶ୍ଚ ଆକାଶରୁ ବର୍ଷା ହୋଇ ମର୍ତ୍ତ୍ୟକୁ ଆସେ ଏବଂ ସମୁଦ୍ରରେ ଏକତ୍ର ହୁଏ । ଠିକ୍ ସେହିପରି ଅରୂପ ବା ପରମାତ୍ମା ରୂପ ଗ୍ରହଣ କରି ଜୀବ ରୂପକ ସ୍ଥୂଳ ସତ୍ତା ଗ୍ରହଣ କରନ୍ତି ଏବଂ ଅରୂପର ଦର୍ଶନ ପାଇଁ ବ୍ୟାକୁଳ ହୋଇ ସାଧନ କରନ୍ତି । ସାଧନ ଶେଷରେ ଅରୂପ ବା ପରମ ରୂପବନ୍ତ ହୋଇ ଆର୍ବିଭାବ ହୁଅନ୍ତି ଓ ରୂପ ବା ଜୀବ ସହ ଏକତ୍ର ହୋଇ ରୂପ, ଅରୂପର ମିଳନ କରାନ୍ତି । ଏହି ପର୍ଯ୍ୟାୟକୁ ବିଭିନ୍ନ ସ୍ତର ମାଧ୍ୟମରେ

ଦିବ୍ୟଦ୍ରଷ୍ଟାମାନେ ''ଦର୍ଶନଲୀଳା'' ନାମରେ ନାମିତ କରିଥାଆନ୍ତି । ଉକ୍ତ କ୍ରିୟା ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ଲାଗି ରହିଥିବ । ଯେ ପର୍ଯ୍ୟନ୍ତ ଜୀବ ଓ ପରମ ଉଭୟଙ୍କର ସ୍ଥିତି ଥିବ, ସେ ପର୍ଯ୍ୟନ୍ତ ରୂପ ଅରୂପର ଖେଳ ଲାଗିଥିବ । ସେହି ମର୍ମରେ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ''ଶୂନ୍ୟ ସଂହିତା'' ରେ ଲେଖିଛନ୍ତି,

''ଅରୂପରୁ ନାମ ରୂପ ହୁଏ ସିନା ସ୍ୱରୂପେ ଅରୂପେ ମିଶେ ।
ଅରୂପରେ ଯେହୁ ସ୍ୱରୂପରେ ସେହୁ ବସ୍ତୁ ଭିନ୍ନ କର୍ମେ ବସେ ।।''

ଯେଉଁ ପରମସତ୍ତା ବାହ୍ୟଜଗତରେ ରହି ସାଧକକୁ ଚମତ୍କୃତ କରିଦିଅନ୍ତି, ଅନ୍ତର୍ଦୃଷ୍ଟିରେ ଦେଖିଲେ ସେହି ପୁଣି ସାଧକର ଆପଣା ମଧ୍ୟରେ ଦର୍ଶନ ଦିଅନ୍ତି । ସେତେବେଳେ ସାଧକ ଉଭୟ ଅବସ୍ଥା (ବାହ୍ୟ ଦର୍ଶନ ଓ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ)ର ସ୍ମାରକ ପାଇଁ ବ୍ୟାକୁଳ ହୋଇ ଉଠେ । କାରଣ ଥରେ ଶରୀର ମଧ୍ୟରେ ଦର୍ଶନ ପ୍ରାପ୍ତି ହୋଇଗଲେ ବାହ୍ୟଦର୍ଶନର ଆବଶ୍ୟକତା ରହେ ନାହିଁ କିମ୍ବା ବାହ୍ୟଦର୍ଶନର କୌଣସି ଗୁରୁତ୍ୱ ସାଧକ ସ୍ମରଣ ରଖି ପାରେ ନାହିଁ । ସେଥିପାଇଁ ସମାଧି ଅବସ୍ଥାରେ ପିଣ୍ଡ ବ୍ରହ୍ମାଣ୍ଡ ମଧ୍ୟରେ ପରମାତ୍ମାଙ୍କୁ ଦର୍ଶନ କରିବା ସମୟରେ ତା'ର ପୂର୍ବାବସ୍ଥାର ସ୍ମୃତି ପାଇଁ ବରଭିକ୍ଷା କରିନିଏ । ଉପଯୁକ୍ତ ଅବସ୍ଥାରେ ସେହି ବର କାର୍ଯ୍ୟକାରୀ ହୁଏ । ସେହିପରି ଜଣେ ସାଧକଙ୍କର ଅମରଗାଥା ଆଜି ''ନନ୍ଦୀ ଶ୍ରୁତି ପୂଜା ଜୟନ୍ତୀ'' ନାମରେ ପାଳିତ ହେଉଛି ।

ଦ୍ୱାପର ଯୁଗରେ ଏକ ଅବସ୍ଥା । ''ଋଷି ନନ୍ଦୁଦର'' ଓ ''ସାଧ୍ୱୀପତ୍ନୀ ସୁରଭି'' ବାସୁଦେବଙ୍କ ଆରାଧନାରେ ସେମାନଙ୍କର ସମସ୍ତ ତପଶକ୍ତି ବିନିଯୋଗ କରିଥିଲେ । ମାତ୍ର ବିଧିର ବିଡ଼ମ୍ବନାରେ ସେମାନେ ଅପୁତ୍ରିକ ଥିଲେ । ସେଥିପାଇଁ ଯଜ୍ଞାନୁଷ୍ଠାନ କରି ବାସୁଦେବଙ୍କୁ ଏକ ସୁସନ୍ତାନ ପାଇଁ ପ୍ରାର୍ଥନା କଲେ । କଲ୍ୟାଣମୟ ଶ୍ରୀକୃଷ୍ଣ ଋଷିଦମ୍ପତିଙ୍କୁ ଏକ ପୁତ୍ର ସନ୍ତାନ ପ୍ରଦାନ କଲେ । ଯଥା ସମୟରେ ସେମାନଙ୍କର କୋଳମଣ୍ଡନ କରି ଜନ୍ମନେଲେ ଏକ ଦେବଶିଶୁ । ପିତା ଶ୍ରଦ୍ଧାରେ ତାଙ୍କର ନାମକରଣ କଲେ ''ଅଭୋଦି'' । ବିଷ୍ଣୁପ୍ରାଣ ପିତାମାତାଙ୍କର ବଳିଷ୍ଠ ପ୍ରେରଣାରେ ଅଭୋଦି ଶୈଶବରୁ ହିଁ ବାସୁଦେବଙ୍କ ପ୍ରୀତିରେ ନିଜକୁ ହଜାଇ ଦେଲେ । ଆଜନ୍ମ ବ୍ରହ୍ମଚର୍ଯ୍ୟ ପାଳନର ବ୍ରତ ନେଇ ବାସୁଦେବଙ୍କ ଦର୍ଶନ ନିମନ୍ତେ ତପ ଆରମ୍ଭ କରିବା ପାଇଁ ପିତା ଓ ମାତାଙ୍କ ଅନୁମତି ଭିକ୍ଷା କଲେ । ଯଥା ସମୟରେ ପୁତ୍ରର ଇଷ୍ଟପ୍ରେମ ଲକ୍ଷ୍ୟ କରି ପିତା ନନ୍ଦୁଦର ପୁତ୍ରକୁ ସନ୍ୟାସ ମନ୍ତ୍ରରେ ଦୀକ୍ଷିତ କରି ଆଶ୍ରମରୁ ବିଦାୟ ଦେଲେ । ସେତେବେଳେ ପ୍ରଭୁ ଶ୍ରୀରାମଙ୍କର ଅପୂର୍ବ ଲୀଳା ଭୂମି ତାଙ୍କର ମାତୁଳାଳୟ କୋଶଳ ରାଜ୍ୟ ତପ ପାଇଁ ପ୍ରସିଦ୍ଧ ଥିଲା । ତେଣୁ ପିତାଙ୍କ ନିର୍ଦ୍ଦେଶରେ ଅଭୋଦି କୋଶଳ ରାଜ୍ୟ ଅନ୍ତର୍ଗତ ଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କରି ତାଙ୍କର ତପ ସାଧନ ଆରମ୍ଭ କଲେ । ଦ୍ୱାପର ଶେଷ ହୋଇ ଆସିଲା । ଋଷି ଅଭୋଦିଙ୍କର କଠୋର ସାଧନ ଅବ୍ୟକ୍ତପତିଙ୍କୁ ଅସ୍ତବ୍ୟସ୍ତ କରି ପକାଇଲା । ଶେଷରେ ଅଭୋଦିଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା । ସମାଧିସ୍ଥ ହୋଇ ଋଷି ଅଭୋଦି ପ୍ରଭୁଙ୍କର ଦର୍ଶନ ଲାଭ କଲେ । ଭକ୍ତ ବତ୍ସଳ ଶ୍ରୀହରି ବର ଯାଚଞ୍ଚା କରନ୍ତେ ଅଭୋଦି ନିବେଦନ କଲେ ''ହେ ସ୍ୱାମୀ ! ମୋତେ ତିନିଗୋଟି ବର ପ୍ରଦାନ କରନ୍ତୁ । ପ୍ରଥମ ବରରେ - ଏହି ପବିତ୍ର ସ୍ଥାନ ଯୁଗ ଯୁଗ ପାଇଁ ଆପଣଙ୍କ ଉପସ୍ଥିତିର ସ୍ମାରକ ବହନ କରୁ । ସବୁ ଯୁଗରେ ଆପଣ ସ୍ଥୂଳ ଅବତାର ନେଇ ଧରାପୃଷ୍ଠକୁ ଅବତରଣ କରିବା ସମୟରେ ଏହି ସ୍ଥାନକୁ ଆପଣଙ୍କ ଶ୍ରୀପଦ ସ୍ପର୍ଶ ଦେଇ ଆମ ମିଳନର ସ୍ମୃତି ରକ୍ଷା କରନ୍ତୁ । ଦ୍ୱିତୀୟ ବରରେ - ସୃଷ୍ଟିଚକ୍ରରେ ଆପଣଙ୍କର ଅବତାରବାଦର ସମସ୍ତ ଲୀଳା ସଂପର୍କିତ ଜ୍ଞାନ ଓ ଦର୍ଶନ ଦାନ କରନ୍ତୁ । ତୃତୀୟରେ - ସୃଷ୍ଟିତତ୍ତ୍ୱ ସଂବଳିତ ଜ୍ଞାନ ପ୍ରଦାନ କରନ୍ତୁ ।'' ନିଜକୁ ତିଳତିଳ କରି ଦହନ କରିଥିବା ଭକ୍ତର ଅଭିଷ୍ଟ ନିଶ୍ଚୟ ପୂର୍ଣ୍ଣ ହେବ । ପ୍ରଭୁ ପରମେଶ୍ୱର ବରଦାନ କରି କହିଲେ, ''ହେ ମୋର ପ୍ରିୟ ପୁତ୍ର ! ତୁମର ପ୍ରଥମ ଓ ଦ୍ୱିତୀୟ ବର ମୁଁ ଏହି ମୁହୂର୍ତ୍ତରେ ଦାନ କରୁଛି । ପ୍ରତି ଯୁଗରେ ମୁଁ ତୁମର ଏହି ସ୍ଥାନକୁ ନିଶ୍ଚୟ ଆସିବି । ମୋର ଆଗାମୀ ଅବତାର ଲୀଳାକୁ ମଧ୍ୟ ତୁମେ ଦର୍ଶନ କର । କିନ୍ତୁ ତୃତୀୟ ବର ପାଇଁ ଅପେକ୍ଷା କରିବାକୁ ହେବ । କାରଣ ତୁମ ପ୍ରଥମ ଜନ୍ମରୁ ହିଁ ତୁମେ ବ୍ରହ୍ମଚର୍ଯ୍ୟ ପାଳନ କରି ସନ୍ୟାସ ନେଲ । ସଂସାରର ଗୃହସ୍ଥାଧର୍ମ ତୁମର ଅଜ୍ଞାତ ହେଲା । ସୁତରାଂ ସୃଷ୍ଟିତତ୍ତ୍ୱ ପୂର୍ଣ୍ଣଜ୍ଞାନ ଆହରଣ ପାଇଁ ତୁମକୁ ପୁନଶ୍ଚ ଜନ୍ମ ନେବାକୁ ହେବ । ସେହି ଜନ୍ମରେ ଗୃହସ୍ଥ ହୋଇ ସଂସାର କର୍ମ ନିର୍ବାହ ସହ ସୃଷ୍ଟି ତତ୍ତ୍ୱ ସମ୍ବଳିତ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେବ ।'' ପ୍ରଥମ ଓ ଦ୍ୱିତୀୟ ବର ପ୍ରାପ୍ତିର ପ୍ରଭାବରେ ଅଭୋଦି କଳିରେ ପ୍ରଭୁଙ୍କର ଅବତାର ଲୀଳା ଦର୍ଶନ କରି ସାରିଥିଲେ । ତେଣୁ ମୁହୂର୍ତ୍ତେ କାଳବିଳମ୍ବ ନ କରି ପ୍ରାର୍ଥନା କଲେ, ''ହେ ପ୍ରଭୁ ! ଯଦି ବାସ୍ତବରେ ଏ ଅକିଞ୍ଚନ ପ୍ରତି ଏତେ କରୁଣା, ତେବେ କୃପା କରନ୍ତୁ ଯେପରି କଳିଯୁଗର ଆସନ୍ତା ଜନ୍ମରେ ମୁଁ ଏହି ପବିତ୍ର ସ୍ଥାନରେ ହିଁ ଜନ୍ମ ଗ୍ରହଣ କରିବି । ଆପଣଙ୍କ

ଆଶୀର୍ବାଦରୁ ସୁପତ୍ନୀ ଗ୍ରହଣ କରି ସଂସାର ଧର୍ମ ପାଳନ କରିବି । ଆପଣ ସ୍ୱୟଂ ଆବିର୍ଭୂତ ହୋଇ ମୋର ଇଚ୍ଛା ପୂର୍ଣ୍ଣ କରିବେ ।'' ଭକ୍ତବନ୍ଧୁ ଭକ୍ତର ସମସ୍ତ ଅଳି ଗ୍ରହଣ କରିନେଲେ ।

କଳିର ଅନ୍ତିମ ଚରଣରେ ଆଜକୁ ୫୪୦ (ପାଞ୍ଚଶହ ଚାଳିଶି) ବର୍ଷ ପୂର୍ବେ ସେହି ମହାପୁରୁଷ କୋଶଳ ରାଜ୍ୟର ପୂର୍ବ ନିର୍ଦ୍ଧାରିତ ପବିତ୍ର ପୀଠରେ ପୁନର୍ଜନ୍ମ ନେଇଥିଲେ । ତାଙ୍କ ପିତା ମାତାଙ୍କ ନାମ ଯଥାକ୍ରମେ ''ଶୁଦ୍ଧୋଗ୍ରହ'' ଓ ''ବାରୁଣୀ'' ଥିଲା । ପିତାମାତା ପୁତ୍ରର ନାମ ''ନନ୍ଦୀ'' ରଖିଥିଲେ । ଯୌବନ ଅବସ୍ଥା ପ୍ରାପ୍ତ ହେବାରୁ ପିତା ଶୁଦ୍ଧୋଗ୍ରହ ଉଜ୍ଜୟିନୀ ନଗ୍ରର ''ଶୁଚି'' ନାମକ ଏକ କନ୍ୟାସହ ନନ୍ଦୀଙ୍କର ବିବାହ କରାଇଦେଲେ । ''ଶୁଚି''ଙ୍କ ପିତାଙ୍କ ନାମ ''ଶୁରୋମଣି'' ଓ ମାତାଙ୍କ ନାମ 'ରୋହିଦତ୍ୟା' ଥିଲା । ଦ୍ୱାପରରେ ପ୍ରାପ୍ତ ବରର ପ୍ରଭାବରେ ନନ୍ଦୀ ଶୁଚିଙ୍କୁ ସହଯାତ୍ରୀ କରି ସନ୍ୟାସ ଗ୍ରହଣ କଲେ । ତାଙ୍କର ଜନ୍ମ ହୋଇଥିଲା କୁମ୍ଭାର କୁଳରେ । ତେଣୁ ମାନସ ସ୍ତରରେ ସନ୍ୟାସ ନେଇ ଅନ୍ତର ମଧ୍ୟରେ ଉଭୟ ସୂକ୍ଷ୍ମ ସାଧନାରେ ରହିଲେ । ମାତ୍ର ବାହ୍ୟ ଆଚରଣରେ ମାଟି ପିତୁଳା ନିର୍ମାଣ କରି ନିଜର କୌଳିକ ପ୍ରଥା ବଜାୟ ରଖିଲେ । ମାଟି ପିତୁଳା ବିକ୍ରୟ କରି ନିଜର ଜୀବିକା ନିର୍ବାହ କଲେ । ଅତ୍ୟନ୍ତ ନିଷ୍ଠାର ସହ ଗୃହସ୍ଥାଧର୍ମ ପାଳନ କରୁଥିବା ସମୟରେ ଉଭୟ ଗୁରୁ ''ନମୁଜା ବ୍ରହ୍ମା''ଙ୍କର ସଂସ୍ପର୍ଶରେ ଆସିଲେ । ଦିବ୍ୟଦ୍ରଷ୍ଟା ନମୁଜାବ୍ରହ୍ମା ଦମ୍ପତିଙ୍କର ଏକାଗ୍ରତା, ନିଷ୍ଠା ଓ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ଉଭୟଙ୍କୁ ସନ୍ୟାସ ବ୍ରତ ସହ ବାସୁଦେବ ବୀଜମନ୍ତ୍ର ପ୍ରଦାନ କଲେ । ଏହାପରେ ନନ୍ଦୀ ଓ ଶୁଚି କଠୋର ତପରେ ବୁଡ଼ିଗଲେ । ଶେଷରେ ସେମାନଙ୍କର ଅଭିଷ୍ଟ ପୂର୍ଣ୍ଣ ହେଲା । ପୌଷ ପୂର୍ଣ୍ଣିମାର ପବିତ୍ର ରାତ୍ରିରେ ବାସୁଦେବ ଶ୍ରୀକୃଷ୍ଣଙ୍କର ଦର୍ଶନ ଲାଭ କଲେ । ଦ୍ୱାପରର ପ୍ରତିଶ୍ରୁତି ଅନୁସାରେ ଶ୍ରୀହରି ଉଭୟଙ୍କୁ ସୃଷ୍ଟିତତ୍ତ୍ୱର ପୂର୍ଣ୍ଣଜ୍ଞାନ ପ୍ରଦାନ କଲେ । ଗୃହସ୍ଥ ଧର୍ମ ପାଳନ କରି ମାୟା ମୋହ ଘେରା ସଂସାର ମଧ୍ୟରେ ନିଜର ସଂଯମତା ରକ୍ଷା କରି ପୂର୍ଣ୍ଣବ୍ରହ୍ମଙ୍କ ଦର୍ଶନ ଲାଭ କରିଥିବାରୁ ପ୍ରଭୁ ସେମାନଙ୍କ ଉପରେ ଅତ୍ୟନ୍ତ ପ୍ରସନ୍ନ ହୋଇଗଲେ । ଉକ୍ତ ଦମ୍ପତିଙ୍କ ବାହ୍ୟକର୍ମ ମାଟି ପିତୁଳା ନିର୍ମାଣ ଥିଲା । କିନ୍ତୁ ଅନ୍ତର ମଧ୍ୟରେ ସର୍ବଦା ଇଷ୍ଟଙ୍କର ନାମ, ଲୀଳା ସ୍ମରଣ କରି କେବଳ ତାଙ୍କୁ ହିଁ ଗୁଣି ବା ଝୁରି ହେଉଥିଲେ । ତେଣୁ ଉଭୟ କର୍ମର ସ୍ମୃତିରକ୍ଷା ପାଇଁ ସେହି ମହାନ ପୀଠକୁ ''ମାଟିଗୁଣା'' ନାମରେ ନାମିତ କଲେ । ତତ୍‌ପରେ ଯେତେବେଳେ ଭକ୍ତଦ୍ୱୟଙ୍କୁ ବର ଦେବାପାଇଁ ଇଚ୍ଛା ପ୍ରକଟ କରନ୍ତି, ସେତେବେଳେ ପତି, ପତ୍ନୀ ଉଭୟେ ବରଭିକ୍ଷା କଲେ, ''ହେ ବାସୁଦେବ ! ହେ ଆତ୍ମାଧିପତି ! ଦର୍ଶନ ଦେଇ ଧନ୍ୟ କରିସାରିବା ପରେ ଆଉ କିଛି ମାଗିବାର ନାହିଁ । ମାଗିବା ପୂର୍ବରୁ ସବୁ ତ ପୂର୍ଣ୍ଣ କରି ସାରିଛନ୍ତି । ଯଦି ତଥାପି ବର ଦେବାପାଇଁ କରୁଣା କରୁଛନ୍ତି, ତେବେ ଏହି (କଳି)ଯୁଗ ଶେଷରେ ଯେତେବେଳେ ଆପଣ ଶ୍ରୀ କେଶବ ନାମ ଧରି ଅବତରିତ ହେବେ, ସେତେବେଳେ ଏହି ପବିତ୍ର ତିଥିରେ ଆପଣ ସ୍ୱୟଂ ଏଠାରେ ଉପସ୍ଥିତ ହୋଇ ପୀଠ ସଂସ୍କାର କରି ପବିତ୍ର ପୀଠର ମାନ୍ୟତା ପ୍ରଦାନ କରିବେ । ଯେଉଁ ପଥ, ମତ ମାଧ୍ୟମରେ ଆପଣ ଆମ୍ଭର ଅଭିଷ୍ଟ ପୂର୍ଣ୍ଣ କରିଛନ୍ତି, ସେହି ସମସ୍ତ ସ୍ମୃତିକୁ ଆଧାର କରି ଆମରି ନାମରେ ''ନନ୍ଦୀଶୁଚି ଅଭିଷ୍ଟ ଯଜ୍ଞାନୁଷ୍ଠାନ'' କରାଇବେ । କଳିଯୁଗ ଶେଷରେ ଧର୍ମପ୍ରତିଷ୍ଠା ପାଇଁ ଆପଣଙ୍କର ମୁଖ୍ୟ ଆୟୁଧ ''ସନାତନୀ କେତନ'' ଏହିଠାରେ ଉତ୍ତୋଳନ କରାଇ ସତ୍‌ସଂଗ କରାଇବେ ଓ ''ମାଟିଗୁଣା''କୁ ଏ ଯୁଗର ଏକ ମହାନ ପୀଠର ମର୍ଯ୍ୟାଦା ଦାନ କରିବେ । କିନ୍ତୁ ଦ୍ୱାପରରୁ ଏ ପର୍ଯ୍ୟନ୍ତ କେବଳ ଆପଣଙ୍କର ଶ୍ରୀକୃଷ୍ଣ ରୂପ ଦର୍ଶନ କରିଥିବାରୁ କଳିରେ ଶ୍ରୀକେଶବ ରୂପରେ ଉପସ୍ଥିତ ହେଲେ ମଧ୍ୟ ''ବାସୁଦେବ-ଯଜ୍ଞପୁରୁଷ'' ନାମରେ ଯଜ୍ଞାହୁତି ଗ୍ରହଣ କରିବେ ।'' ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରିବାର ବଚନ ଦେଇ ପ୍ରଭୁ ପ୍ରସ୍ଥାନ କଲେ ।

ଉକ୍ତ, ଭଗବାନଙ୍କର ଉକ୍ତ ଅମରଗାଥାକୁ ମହାପୁରୁଷ ଅଚ୍ୟୁତ ତାଙ୍କର କଳିଲୀଳା ଦର୍ଶନ ସମୟରେ ପ୍ରଭୁ ନିରାକାରଙ୍କ ଠାରୁ ଜାଣିବାକୁ ପାଇଥିଲେ ଓ ତାଙ୍କର ଅମରକୃତି ମାଳିକାରେ ବର୍ଣ୍ଣନା କରିଥିଲେ । ଯଥା :-

''ଶୁଣ ଅଚ୍ୟୁତ ଦେଉଛି ବତାଇ । କୋଶଳ ରାଜ୍ୟ ଯେ ସାହାର ଭୂଇଁ ॥
ମାଟିରେ ପିତୁଳା ନନ୍ଦୀ ଗଢ଼ଇ । ସମାଧିରେ ଗୁଣି ରଷି ସେବଇ ॥
ଶୁଚି ମାତା ସବୁ ନ୍ୟାସଟି ଠାଣି । ମାଗିଥିଲେ ବର କଳିରେ ଜାଣି ।।''

ଉପରୋକ୍ତ ପଦ୍ୟାଂଶର ଅର୍ଥ ଖୁବ୍ ସରଳ ଓ ତାହାର ବ୍ୟାଖ୍ୟା ଉପରବର୍ଣ୍ଣିତ ବିଷୟ ବସ୍ତୁରେ ବର୍ଣ୍ଣନା କରାଯାଇଅଛି ।

''ଅଷ୍ଟାଦଶ ମିଶି ଏକ ବେଳାରେ । ଫିରିଙ୍ଗି ଅଙ୍କ ସେ ଗୁପ୍ତ ଖେଳାରେ ॥
ବେନି ପାଞ୍ଚଦଶ ଏକଇ ଊଣା । ଧନୁ ଅଠରକୁ ନ ହେବୁ ବଣା ॥
ଶନିଶ୍ଚର ବାସ ବାର ଦିନକୁ । ଦେବ ଅଭିଷେକ ପୂର୍ଣ୍ଣିମା ଡାକୁ ।।''

ଉକ୍ତ ପଦ୍ୟାଂଶରେ ମହାପୁରୁଷ ବରପ୍ରାପ୍ତିର କାର୍ଯ୍ୟକାରୀ ଦିବସ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଛନ୍ତି । ''ଅଷ୍ଟାଦଶ ମିଶି ଏକ'' ଅର୍ଥାତ୍ ୧୮+୧=୧୯ । ମହାପୁରୁଷ ଇଂରାଜୀକୁ ସର୍ବଦା ଫିରିଙ୍ଗି ବୋଲି ସମ୍ବୋଧନ କରିଛନ୍ତି । ତେଣୁ ଏହି ''୧୯'' ସଂଖ୍ୟାକୁ ଇଂରାଜୀ ଅଙ୍କ ବୋଲି ସୂଚନା ଦେଇଛନ୍ତି । ''ବେନି ପାଞ୍ଚ ଦଶ ଏକଇ ଊଣା'' ଅର୍ଥାତ୍ ପାଞ୍ଚଦଶ - ୫x୧୦=୫୦, ବେନି ପାଞ୍ଚଦଶ ଅର୍ଥ - ୨x୫୦=୧୦୦, ଏକଇ ଊଣା ଅର୍ଥ = ୧୦୦ ରୁ ଏକ ଊଣା = ୯୯ । ଉପର ଅଙ୍କ ୧୯ । ଏହିପରି ମସିହା ହୋଇଥିବ ୧୯୯୯ । 'ଧନୁ ଅଠରକୁ ନ ହେବୁ ବଣା'' । ଏଠାରେ ନିରାକାର ଅଚ୍ୟୁତଙ୍କୁ ସମ୍ବୋଧନ କରି କହୁଛନ୍ତି ''ହେ ଅଚ୍ୟୁତ ! ୧୯୯୯ ମସିହା ଧନୁ ମାସ ଦି୧୮ନ ଦେବାଭିଷେକ ପୂର୍ଣ୍ଣିମା ଶନିବାରକୁ କେବେ ବଣା ହେବୁ ନାହିଁ ଅର୍ଥାତ୍ ଭୁଲିଯିବୁ ନାହିଁ କାରଣ ଏହିଦିନ :-

''ଯଜ୍ଞରେ ଆହୁତି ଶେଷ ହୋଇବ । ଏହିଠାରେ ଭକ୍ତ ମେଳଟି ଥିବ ॥
କେଶବ ଆସିବ ଏଠାକୁ ଧାଇଁ । ଯଗିଥିବୁ ତାକୁ ମନେ ପକାଇ ॥

ନନ୍ଦୀଶୃଚି ମାଗିଥିବା ''ଅଭିଷ୍ଟଯଜ୍ଞ'' ର ପୂର୍ଣ୍ଣାହୁତି ହେବ । ସେତେବେଳେ ଏଠାରେ ଭକ୍ତମାନଙ୍କର ମେଳି ହୋଇଥିବ । ସେହି ସମୟରେ ମୁନିଦମ୍ପତିଙ୍କୁ ଦେଇଥିବା ବଚନ ରକ୍ଷାକରି ''କେଶବ'' ଧାଇଁ ଆସିବେ । ସୂକ୍ଷ୍ମରେ ଥାଇ ଏହି ପରମ ପବିତ୍ର ଲୀଳା ମନେ ପକାଇ ଜଗି ରହିଥିବୁ ।

''ସୂକ୍ଷମରେ ରହି ସବୁ ବେଳାରେ । ଲୀଳା ଚହଟିବ ନିଶି ଖେଳାରେ ॥
ଏତକ କଥାକୁ ରଖି ସଜାଡି । ସତ୍, ସଙ୍ଗ ନାମ ତ୍ରି ସନ୍ଧ୍ୟା ବେଢି ।।''

ଶ୍ରୀକେଶବ ଏଠାରେ ସ୍ଥୂଳରେ ଅବସ୍ଥାନ କରିବେ । ଦିବସରେ ସୂକ୍ଷ୍ମ ଲୀଳା ପ୍ରକଟ କରି ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଆନନ୍ଦ ବିତରଣ କରିବେ । ନିଶି ଅର୍ଥାତ୍ ରାତ୍ରିର ନିଃଶବ୍ଦତାରେ ସେ ଅନେକ ସୂକ୍ଷ୍ମ ଦିବ୍ୟଲୀଳା ପ୍ରକଟ କରିବେ । ସତ୍‌ସଂଗ ସହ ନାମକୀର୍ତ୍ତନ ତ୍ରିସଂଧ୍ୟା ଅର୍ଥାତ୍ ତିନୋଟି ସଂଧ୍ୟାକୁ ବେଢ଼ି କରି ରହିବ । ହେ ଅଚ୍ୟୁତ ! ଏହି ସମସ୍ତ ତଥ୍ୟକୁ ତୋର ମାନସପଟରେ ସଜାଡ଼ି ରଖି ସୂକ୍ଷ୍ମରେ ରହି ଦର୍ଶନ କରିବୁ ।

ହେ ଭକ୍ତବୃନ୍ଦ ! ଆଜି ହେଉଛି ସେହି ଆକାଂକ୍ଷିତ ଦିବସ । ପୌଷ ଦେବାଭିଷେକ ପୂର୍ଣ୍ଣିମା । ୧୯୯୯ ମସିହା ଧନୁ ଦି୧୮ନ ଶନିବାର । ଗତ ଦୁଇ ଦିନ ଧରି ଏଠାରେ ଯଜ୍ଞ, ସତ୍‌ସଂଗ ଓ ନାମ ସଂକୀର୍ତ୍ତନ ଚାଲିଛି । ଆଜି ତ୍ରିସଂଧ୍ୟା ଅର୍ଥାତ୍ ଉଦ୍‌ଯାପନୀ ସନ୍ଧ୍ୟା । ନନ୍ଦୀଶୃଚିଙ୍କର କଠୋର ତପ ପ୍ରଭାବରେ ଏହି ପବିତ୍ର ସ୍ଥାନ ତ୍ରିଲୋକ ସ୍ୱାମୀଙ୍କର ପଦସ୍ପର୍ଶ ପାଇ ମର୍ତ୍ତ୍ୟଧାମରେ ଏକ ପ୍ରସିଦ୍ଧ ପୀଠର ମର୍ଯ୍ୟାଦା ଲାଭ କରିଛି । ସ୍ଥାନଟି ୪୫୦ ବର୍ଷ ପୂର୍ବେ ''ମାଟିଗୁଣା'' ନାମରେ ନାମିତ ହୋଇଥିଲେ ମଧ୍ୟ କାଳଚକ୍ରର ଘୂର୍ଣ୍ଣାୟମାନ ପର୍ଯ୍ୟାୟରେ ଅନେକ ପରିବର୍ତ୍ତିତ ନାମ ଗ୍ରହଣ କରିଛି । ମାତ୍ର ଠିକ୍ ଉଦୟ ବେଳକୁ ସାମାନ୍ୟ ଅପଭ୍ରଂଶ ହୋଇ ''ମାଟିଆଗୁନି'' ନାମରେ ପରିଚିତ ହେଉଛି ।

ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରିବାପାଇଁ ଏ ଯୁଗରେ ଯୁଗପତି ଏଠାରେ ଯେଉଁ ଅପୂର୍ବ ଲୀଳା ପ୍ରକଟ କରିଗଲେ ତାହା ଯୁଗଯୁଗ ଧରି ଅମ୍ଳାନ ହୋଇ ରହିବ । ଉକ୍ତ ବାସ୍ତବ ଲୀଳାକୁ ଯିଏ ପ୍ରେମ, ଭକ୍ତି ଓ ବିଶ୍ୱାସର ସହ ପଠନ, ଶ୍ରବଣ କରିବ, ତା' ପୁଣ୍ୟର ହିସାବ ସେହି ଲୀଳାମୟଙ୍କ ବ୍ୟତୀତ ଆଉ କିଏ, ବା କରି ପାରିବ ?

ହେ ଭକ୍ତ ବତ୍ସଳ ! ତୁମରି ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

**ମାହାଙ୍ଗା** **ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**
**୧୪୦୬ ସାଲ, ଦେବାଭିଷେକ ପୂର୍ଣ୍ଣିମା** **ସ୍ୱର୍ଣ୍ଣକ୍ଷେତ୍ର**
**ଶନିବାର** **ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରଷଦ୍**